# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ; ଛୁରାମାଡ଼

ବ୍ରହ୍ମଗିରି,୨।୧(ସମିସ)



ଶୁକ୍ରବାର ବ୍ରହ୍ମଗିରି ଥାନା ଦମଦାରପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳକୁ ନେଇ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ଏଥିରେ ଜଣେ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ରେବଣା ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ଦୁଇ ପରିବାର ଲୋକଙ୍କ ମଧ୍ୟରେ ଜାଗାବାଡ଼ିକୁ ନେଇ ସମସ୍ୟା ଦେଖାଦେଥିବା ଯୋଗୁଁ ପ୍ରଥମେ ବଚସା ପରେ ହାତହାତି ହୋଇଥିଲେ। ପ୍ରଥମେ ତୁକୁନା ଜେନା (୩୦) ଏକ ଛୁରିରେ ବସୁଦେବ (୩୨)କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତୁକୁନା ତାର ମୁଣ୍ଡକୁ ଇଟାରେ ଛେଚି ଦେଇଥିଲା। ଖବର ଲେଖା ହେବାବେଳକୁ ଏହି ଘଟଣାରେ କୌଣସି ଲିଖିତ ଅଭିଯୋଗ ଥାନାରେ ହୋଇନଥିବା ଜଣାପଡ଼ିଛି।

# ୬ ଲକ୍ଷର ଧଳା ଜହର ଜବତ; ଅଭିଯୁକ୍ତ ଗିରଫ

**ନିମାପଡ଼ା/ଗୋପ,୨।୧(ସମିସ):** ପୁରୀଅବକାରୀଅଧୀକ୍ଷକଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ନିରୀକ୍ଷକ ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ପୃଷେଠ୍ଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳାଜହର ଜବତ କରିଥିବା ଜଣାପଡ଼ିଛି। ଏଥିସହ ବ୍ରାଉନସୁଗର କାରବାରରେ ସଂପୃକ୍ତ ଯୁବକକୁ ଗିରଫ କରାଯାଇଛି। ଗିରଫ ଯୁବକ ହେଲେ ଶୁକଦେବ ବେହେରା



(୩୭)। କୋଣାର୍କ ଥାନା ଅଧୀନ ଦଶବାଟିଆ ଛକରୁ ଗିରଫ କରି ତାଙ୍କ ନିକଟରୁ ୬୪ ଗ୍ରାମ ବ୍ରାଉନ୍‌ସୁଗର୍ ଜବତ କରି କୋଣାର୍କ ଅବକାରୀ ଥାନା କେସ ନଂ ୧୩୫/୨୫-୨୬ରେ ଏକ ମାମଲା ରୁଜୁ କରିଛି ପୁଲିସ। ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ତାକୁ ନିମାପଡ଼ା ଉପ-କାରାଗାରକୁ ପଠାଇଦିଆଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଚଢ଼ଉରେ କର୍ମଚାରୀ ଶେଖ ୱାରିସ, ସବିତା ସାହୁ, ଫିରୋଜ ମହାନନ୍ଦିଆ ପ୍ରମୁଖ ସାମିଲ ଥିଲେ।

# ଫସଲ ନଷ୍ଟ କରୁଛନ୍ତି ବୁଲା ଗୋରୁଗାଈ

**ନୂଆପଲମ ହାଟ,୨।୧ (ସମିସ):** ବିନିଶିପୁର ପଞ୍ଚାୟତରେ ଗୋଶାଳା ନଥିବାରୁ ବୁଲା ଗାଇଗୋରୁ, ଷଣ୍ଢ ଅବାଧରେ ବିଚରଣ କରୁଛନ୍ତି। ଫଳରେ ଚାଷୀମାନେ ପରିଶ୍ରମ କରି ଜମିରେ କରିଥିବା ବିରି, ମୁଗ, କୋଳଥ, ବାଦାମ, ସୋରିଷ, ପନିପରିବା ଫସଲ ନଷ୍ଟ ହେଉଛି। ଯାହାଫଳରେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଫସଲ ପାଇଁ ବ୍ୟାଙ୍କରୁ ଋଣ ଆଣିଥିବା ଓ ଗ୍ରାମର ସାହୁକାରଙ୍କ ଠାରୁ ଜମି ବନ୍ଧକ ରଖି ଟଙ୍କା ଆଣିଥିବା ଚାଷୀମାନେ କିପରି ଋଣ ଶୁଝିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଅଧରାତିରେ ବୁଲା ଗାଇ ଗୋରୁ ଓ ଷଣ୍ଢ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କର ମୁଣ୍ଡବ୍ୟଥା ବଢ଼ିଯାଇଛି। ତେଣୁ ବିନିଶିପୁର ପଞ୍ଚାୟତରେ ଗୋଶାଳା ନିର୍ମାଣ ପାଇଁ ଦାବି ହେଉଛି।



କଣାସରେ ଝାଡ଼ାବାନ୍ତି ଘଟଣା

# ବିଭାଗୀୟ ସଚିବଙ୍କୁ ମାନବାଧିକାର କମିସନଙ୍କ ନୋଟିସ୍

**କଣାସ,୨।୧(ସମିସ):** କଣାସ ବ୍ଲକ୍ ଦେଇ ଯାଇଥିବା ଦୟାନଦୀର ଦୂଷିତ ଜଳ ପାନକରି ବର୍ଷକ ତଳେ ୬ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ତେବେ ଆଜି ପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ କୌଣସି ସରକାରୀ ସହାୟତା ମିଳିପାରିନାହିଁ। ଯାହାକୁ ନେଇ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ପ୍ରଶାସନକୁ ଦାୟୀ କରି ମାନବାଧିକାର କମିସନଙ୍କ ନିକଟରେ ଫେରାଦ ହୋଇଥିଲେ। ତୁରନ୍ତ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ସହ ଦୟାନଦୀ ଜଳକୁ ସ୍ୱଚ୍ଛ କରିବା ପାଇଁ ନିବେଦନ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ୨୮।୧/୨୦୨୫ରେ ଏକ ମାମଲା ପଞ୍ଜୀକରଣ ହୋଇଥିଲା। ତେବେ ଏହାର ତଦନ୍ତ ପୂର୍ବକ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ, ଜଳସମ୍ପଦ ସଚିବ, ପଞ୍ଚାୟତିରାଜ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ତତ୍କାଳୀନ ପୁରୀ ଜିଲ୍ଲାପାଳଙ୍କୁ ଜାନୁଆରୀ ୫ ତାରିଖ ଦିନ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

# ଗୁରୁ କୁଳମଣି ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ,୨।୧(ସମିସ):** ସତ୍ୟବାଦୀ ବ୍ଲକ୍ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ବାଇଁଶିବାଡ଼ି ଗ୍ରାମର ବର୍ଷୀୟାନ ଲୋକକଳା ଗୁରୁ କୁଳମଣି ବିଶ୍ୱାଳ ନିକଟରେ ଲୋକବାଦ୍ୟରେ ସବିଶେଷ ଅବଦାନ ପାଇଁ ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏଥିପାଇଁ ଶ୍ରୀ ବିଶ୍ୱାଳଙ୍କ ଶତାଧିକ ଶିଷ୍ୟ ଓ ପ୍ରଶଂସକ ଆଜି ତାଙ୍କ ଗ୍ରାମରେ ସମବେତ ହୋଇ ପାରମ୍ପରିକ ରୀତିରେ ତାଙ୍କର ପୂଜାର୍ଚ୍ଚନା କରିଥିଲେ। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ଆଖଡ଼ାଘର ଠାରେ ଅନୁଷ୍ଠିତ ଏକ ନିରାଡ଼ମ୍ବର ଉତ୍ସବରେ ରାଜ୍ୟର ଖ୍ୟାତନାମା ଗୋଟିପୁଅ ନୃତ୍ୟଗୁରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ଲିଙ୍ଗରାଜ ବାରିକ, ଗୁରୁ ବିଜୟ ବାରିକ ଓ ଗୁରୁ ବାବୁଲି ଭୂୟାଁ, ଗୁରୁ ରବୀନ୍ଦ୍ର ଦାସ, ଯୋଗଦେଇ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୃଦଙ୍ଗ ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ଓ ଗୋଟିପୁଅ ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ବିଶ୍ୱାଳ ଉତ୍ସବର ଆୟୋଜନ କରିଥିଲେ। ପରେ ସମସ୍ତେ ଏକତ୍ର ପ୍ରସାଦ ସେବନ କରିଥିଲେ।



# ଠାକୁର ନିଗମାନନ୍ଦଙ୍କ ବାର୍ଷିକ ପୂଜା ଉତ୍ସବ

**ଚାରିଛକ,୨।୧(ସମିସ):** ଚାରିଛକ ନିକଟସ୍ଥ ବାହାରଣା ନୀଳାଚଳ ସାରସ୍ୱତ ସଂଘର ୪୫ତମ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନୀଳାଚଳ ସାରସ୍ୱତ ସଂଘର କୋଷାଧ୍ୟକ୍ଷ ଶରତ ଭାଇ ସଭାପତିତ୍ୱ କରିଥିଲେ। ଆଗାମୀ ନୂତନ ବର୍ଷରେ ବିଶ୍ୱର ମଙ୍ଗଳ କାମନା କରି ଠାକୁର ଶ୍ରୀଶ୍ରୀ ନିଗମାନନ୍ଦଙ୍କ ନିକଟରେ ସମୂହ ପ୍ରାର୍ଥନା କରିଥିଲେ। ପ୍ରତ୍ୟେକ ମଣିଷଙ୍କ ଭିତରେ କିପରି ଆଧ୍ୟାତ୍ମିକ ମନୋଭାବ ବିଚାର ରହିବ ତାହା ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଗୁରୁ ଭାଇମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆବାହକ କମିଟିର ସଭାପତି କୃଷ୍ଣଚନ୍ଦ୍ର ସାବୁତ, ବାହାରଣା ଶାଖାର ସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ବିଭିନ୍ନ ଶାଖାରୁ ଶତାଧିକ ଗୁରୁ ଭାଇ ଓ ମା'ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ନାମ କୀର୍ତ୍ତନ କରାଯାଇଥିଲା।

# ରାଜ୍ୟ ପାଲାଗାୟକ ପରିଷଦ ପକ୍ଷରୁ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ସମ୍ବର୍ଦ୍ଧିତ

**ଗୋପ,୨।୧(ସମିସ):** ଗୋପ ବ୍ଲକ୍ ଅଧୀନ ଖଣ୍ଡାସହି ପାଲା କଳାକାର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା କେନ୍ଦୁଝରର ଗଡ଼ସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ୪୮ ରାଜ୍ୟ ପାଲାଗାୟକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ସଙ୍ଗୀତ ସୌରଭ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହ କଳାକାର ଭତ୍ତା ବୃଦ୍ଧି ପାଇଁ ଘୋଷଣା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମଦନମୋହନ ଜେନା ସମ୍ପାଦକ ବସନ୍ତ କୁମାର ରାଉତ, ମୁଖ୍ୟ ଅତିଥି ରବି ନାରାୟଣ ପଣ୍ଡା, ମୁଖ୍ୟବକ୍ତା ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ସଂଯୋଜକ ସନ୍ତୋଷ କୁମାର ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ଦାସ, ଉପସ୍ଥିତ ରହି ଓଡ଼ିଆ ଅସ୍ମିତା ଉପରେ ଆଲୋଚନା କରିଥିବାବେଳେ ପ୍ରଫୁଲ ଚନ୍ଦ୍ର ପଣ୍ଡାଙ୍କୁ ସଙ୍ଗୀତ ସୌରଭ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପାଲାଗାୟକ ପରିଷଦର ସମ୍ପାଦକ ଗାୟକ ବାଚସ୍ପତି ବନ ବିହାରୀ ଗ୍ରହଚାର୍ଯ୍ୟ ମଞ୍ଚ ସଞ୍ଚାଳନ କରିଥିଲେ।

# 'ଛାତ୍ରଛାତ୍ରୀଙ୍କୁ ସନ୍ତାନର ସ୍ନେହ ଦେଉଥିଲେ ରାଜଲକ୍ଷ୍ମୀ ଗୁରୁମା'

**କୋଣାର୍କ,୨।୧(ସମିସ):** ଗୋପ ବ୍ଲକର ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ଅନ୍ତର୍ଗତ ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି ସରକାରୀ ବୃତ୍ତିରୁ ବୁଧବାର ଅବସର ନେଇଛନ୍ତି। ସେ ବିଗତ ୨୦୨୧ ମସିହାରୁ ଆଜି ପର୍ଯ୍ୟନ୍ତ ନିଜ ଗ୍ରାମ ଶିରିପୁର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱ ନିର୍ବାହ ଅବସରରେ ବିଦ୍ୟାଳୟର ଭୌତିକ ଓ ଶୈକ୍ଷିକ ପରିବେଶର ବିକାଶ ସାଧନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିଜର ସନ୍ତାନଭଳି ସ୍ନେହ ଶ୍ରଦ୍ଧା ଦେଇ ଆସୁଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ରାଜଲକ୍ଷ୍ମୀ ଗୁରୁମାଙ୍କ ସମ୍ମାନାର୍ଥେ? ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଗୋପ ଏବିଇଓ ତଥା ବିଆରସିସି ବିନୋଦିନୀ ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ରୂପେ ସିମିଳି ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ, ସମିତିସଭ୍ୟା ମିନତି ସାହୁ, ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିୟନର ସଂପାଦକ ଶିବଦତ୍ତ ନାୟକ, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଓ ସିଆରସିସି ତ୍ରିଲୋଚନ ବେଜ ଯୋଗଦେଇ ରାଜଲକ୍ଷ୍ମୀ ଗୁରୁମାଙ୍କ ଆଦର୍ଶ କର୍ମ ସଂସ୍କୃତିର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିୟନ, ଆଲୁମିନି କମିଟି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ରାଜଲକ୍ଷ୍ମୀ ଗୁରୁମାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର କାଣ୍ଡି, ସହକାରୀ ଶିକ୍ଷୟିତ୍ରୀ ପିଙ୍କି ବେହେରା, ପୁରାତନ ଛାତ୍ର ଈଶାନ ମହାନ୍ତି ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଗ୍ରାମବାସୀଙ୍କ ପକ୍ଷରୁ ରାଜଲକ୍ଷ୍ମୀ ଗୁରୁମାଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇବା ପରେ ତାଙ୍କ ବାସଗୃହରେ ଛଡ଼ାଯାଇଥିଲା।



# କୃତୀ କୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ

**ପିପିଲି,୨।୧(ସମିସ):** ଏକାଦଶ ଜାତୀୟ ଟୋଙ୍ଗ-ଇଲ୍-ମୁଁ-ଡୁ ଚାମ୍ପିଅନ୍‌ସିପ୍ କର୍ଣ୍ଣେଲ ସିଙ୍ଗ ଷ୍ଟାଡିୟମ୍, ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇସାରିଛି। ଡିସେମ୍ବର ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ଥିବା ଏହି ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାରୁ ୯୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥି ମଧ୍ୟରୁ ପୁରୀ ଜିଲ୍ଲାର କଳିଙ୍ଗ ସ୍ପୋର୍ଟସ ଏବଂ ୟୁଥ୍ ଫାଉଣ୍ଡେସନ ପକ୍ଷରୁ ୧୪ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସାଇ ସ୍ୱାଗତ ସାହୁ (ସ୍ୱର୍ଣ୍ଣ), ରୁଦ୍ର ନାରାୟଣ ମୁଦୁଲି (ସ୍ୱର୍ଣ୍ଣ), ବିଶ୍ୱ ପ୍ରକାଶ ମହାନ୍ତି (ସ୍ୱର୍ଣ୍ଣ), ଜୟ ପ୍ରକାଶ ବେହେରା (ସ୍ୱର୍ଣ୍ଣ), ଲୋକନାଥ ବେହେରା (ସ୍ୱର୍ଣ୍ଣ), ଅନୁରାଗ ନନ୍ଦ (ସ୍ୱର୍ଣ୍ଣ), ଶୁଭଲକ୍ଷ୍ମୀ ସାମନ୍ତରାୟ (ରୋପ୍ୟ), କାହ୍ନା ବେହେରା (ରୌପ୍ୟ), ଅର୍ଚ୍ଚନା ବେହେରା (ବ୍ରୋଞ୍ଜ), ଶାଶ୍ୱତି ବିଶ୍ୱାଳ (ବ୍ରୋଞ୍ଜ), ଦମୟନ୍ତୀ ପ୍ରଧାନ (ବ୍ରୋଞ୍ଜ), ସାଇ ପ୍ରକାଶ ପରିଡ଼ା (ବ୍ରୋଞ୍ଜ), ପ୍ରତ୍ୟୁଷା ବେହେରା (ବ୍ରୋଞ୍ଜ) ସୁମୂର୍ତ୍ତି ସାଇ ମାଝୀ (ବ୍ରୋଞ୍ଜ)ଆଦି ମେଡାଲ ହାସଲ କରି ପୁରୀ ଜିଲ୍ଲା ଓ ସାରା ରାଜ୍ୟକୁ ଗର୍ବିତ କରିଛନ୍ତି।




ଏହି କ୍ରୀଡ଼ାବିତ୍‌ଙ୍କୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହ କଳିଙ୍ଗ ସ୍ପୋର୍ଟ୍ସ ଏବଂ ୟୁଥ୍ ଫାଉଣ୍ଡେସନ ପକ୍ଷରୁ ମୁଖ୍ୟ କାର୍ଯ୍ୟକର୍ତ୍ତା ଚନ୍ଦନ କୁମାର ରଥ ଓ ଶ୍ରୀକାନ୍ତ ରଥ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳକୁ କୋଚ ଶୁଭସ୍ମିତା ପାଣିଗ୍ରାହୀ ପରିଚାଳନା କରୁଥିବାବେଳେ ଜନ୍ମେଜୟ ରଥ, ପ୍ରଶାନ୍ତ ପାତ୍ର ସହଯୋଗ କରି ଥିଲେ।

# 'ପକ୍ଷୀ ସୁରକ୍ଷା, ପରିବେଶ ରକ୍ଷା' ସଚେତନତା କାର୍ଯ୍ୟକ୍ରମ



ବ୍ରହ୍ମଗିରି,୨।୧(ସମିସ)

ବ୍ରହ୍ମଗିରି କ୍ଲବ୍ ପକ୍ଷରୁ ନୂତନ ବର୍ଷକୁ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି। ସମସ୍ତ ସଦସ୍ୟଙ୍କୁ ନେଇ ଏକ ଛୋଟିଆ ପ୍ରୟାସ ଆରମ୍ଭ କରିଛି କ୍ଲବ୍। ଏହିଅବସରରେ ପକ୍ଷୀ ସୁରକ୍ଷା, ପରିବେଶ ରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସ ମିଳିମିଶି ଏକାଠି ହେବା, ପକ୍ଷୀ ସୁରକ୍ଷାର ବାର୍ତ୍ତା ବାଣ୍ଟିବା ବୋଲି ଆହ୍ୱାନ ଦିଆଯାଇଥିଲା। ଏହି ସଚେତନ ବାର୍ତ୍ତାକୁ ବ୍ରହ୍ମଗିରିର ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ବୁଲି ବୁଲି ପ୍ରତ୍ୟେକ ଗ୍ରାମକୁ ଯାଇ ସଚେତନତା ବୈଠକ କରିଥିଲେ। ସୁନାମୁହିଁ ଛକରୁ ଏକ ଶୋଭା ଯାତ୍ରା ବାହାରି, ମାଛିଆ ଦିହାଣ୍ଡି, ମୁଦିରଥ, କରିମି ପୁର, ବୋରୋକୁଦୀ, ବାଘଲାଞ୍ଜି, ନହରବାଲି, କୁଅପଦା, ମାତଲାପୁର ଆଦି ଅନେକ ଗ୍ରାମର ମୁରବି ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପ୍ରାୟ ୫ହଜାର ପୋଷ୍ଟର ଗାଁ କୋଠ ଘର ଠାରୁ ଆରମ୍ଭ କରି ପ୍ରତ୍ୟେକ ଘର କାନ୍ଥ ସ୍କୁଲ ପାଚରି ରେ ପୋଷ୍ଟର ମାରି ଗାଁ ର ପ୍ରତ୍ୟେକ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବଣ୍ଟିଥିଲେ। ବିଦେଶରୁ ଆସିଥିବା ଅତିଥି ପକ୍ଷୀମାନଙ୍କୁ ହତ୍ୟା ନକରିବା ପାଇଁ ବ୍ରହ୍ମଗିରି କ୍ଲବ୍ ଅନୁରୋଧ କରିଛି। ଚିଲିକାରେ ବିବିଧ ପ୍ରକାର ଜଳଜୀବ ଯଥା ମାଛ, ଚିଙ୍ଗୁଡ଼ି , କଙ୍କଡ଼ା ଓ ବିଭିନ୍ନ ବିରଳ ପଶୁପକ୍ଷୀ ବାସ କରିଥାନ୍ତି। ଚିଲିକାକୁ ପ୍ରତିବର୍ଷ ଅକ୍ଟୋବର ନଭେମ୍ବର ମାସରୁ ସୁଦୂର ଋଷିଆ, କାସ୍ପିଆନ ହ୍ରଦ, ମଙ୍ଗୋଲିଆ, ହିମାଳୟ ଅଞ୍ଚଳରୁ ବିବିଧ ପ୍ରକାର ପକ୍ଷୀ ଖାଦ୍ୟ ଅନ୍ୱେଷଣ, ଅଣ୍ଡାଦାନ ଓ ସାମୟିକ ଆଶ୍ରୟ ପାଇଁ ଆସିଥାନ୍ତି। ତେବେ ଅନେକ ସ୍ଥାନୀୟ ଲୋକେ ନିଷ୍ଠୁର ଭାବେ ଅବାଧ ପକ୍ଷୀ ଶିକାର କରୁଛନ୍ତି। ତେବେ ଏହି ନିରୀହ ପକ୍ଷୀ ମାନଙ୍କୁ ନ ମାରିବା ପାଇ ବ୍ରହ୍ମଗିରି କ୍ଲବ ବିଭିନ୍ନ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବନ୍ୟପ୍ରାଣୀ ବିଭାଗ ସହଯୋଗ କରିଥିଲେ। ଆଇନଜୀବୀ ଭାସ୍କର ଜେନା ଓ ଦିଗମ୍ବର ବେହେରା, ଭୀମସେନ ସ୍ୱାଇଁ, ଗୁଣନିଧି ବରାଳ, ଶିବପ୍ରସାଦ ପଣ୍ଡା, ଶ୍ରବଣ କୁମାର ବେହେରା, ରଞ୍ଜନ କୁମାର ଦଳାଇ, ତ୍ରିଲୋଚନ ଦଳାଇ, ପବିତ୍ର ମୋହନ ଦାସ, ଅଜୟ କୁମାର ସ୍ୱାଇଁ, ବ୍ରହ୍ମଚାରୀ ପଲାଇ, ରାଜକିଶୋର ମହାରଣା, ଚିତ୍ତରଞ୍ଜନ ମହାନ୍ତି, ଅନ୍ତର୍ଯ୍ୟାମୀ ପଟ୍ଟନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ରହ୍ମଗିରି କ୍ଲବ୍ ସଭାପତି ବିନାୟକ ପାତ୍ର ତତ୍ତ୍ୱାବଧାନରେ ଏହି ପକ୍ଷୀ ସୁରକ୍ଷା ପରିବେଶ ରକ୍ଷା ବାର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।















### କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା

# ନୟାଗଡ଼ରେ ମେଡିକାଲ କଲେଜ, ନ ହେଲେ ଜିଲ୍ଲା ବନ୍ଦ

ନୟାଗଡ଼,୨।୧(ସମିସ)

ନୟାଗଡ଼ ଜିଲ୍ଲା ସଦରମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଆଜି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଗୋଦାବରିଶ୍ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଶାଳ ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ଶହ ଶହ ଲୋକ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲାର ସମସ୍ତ ବ୍ଲକରୁ କ୍ରିୟାନୁଷ୍ଠାନ କମିଟି ପ୍ରତିନିଧିମାନେ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଦେଇଥିଲେ। ନୂଆଗାଁ, ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ଭାପୁର, ଓଡ଼ଗାଁ ବ୍ଲକ୍ ସମେତ ବାହାଡ଼ାଝୋଲା ଓ ରଣପୁର ବ୍ଲକ ଶରଣକୁଳ ଅଞ୍ଚଳରୁ ଲୋକମାନେ ସାମିଲ ହୋଇଥିଲେ। ରାଜ୍ୟ ସରକାର ଘୋଷଣା ମୁତାବକ ତୁରନ୍ତ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନେବା ସହ ଘୋଷଣା କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ନାରାବାଜି କରାଯିବା ସହ ସରକାର ତୁରନ୍ତ ଘୋଷଣା ନକଲେ ଆଗାମୀ ଦିନରେ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ନୟାଗଡ଼ ଜିଲ୍ଲାର ବିପର୍ଯ୍ୟସ୍ତ




ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ରୋଗୀ ପ୍ରେରଣ କେନ୍ଦ୍ର ଭାବେ କାର୍ଯ୍ୟ କରିବା ଜନସାଧାରଣଙ୍କୁ ଅତିଷ୍ଠ କରି ସାରିଛି। ଜିଲ୍ଲାରେ ରହିଥିବା ଅନେକ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଅଭାବ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦଶପଲ୍ଲା ବ୍ଲକ ବାଣିଗୋଛା, ଗଣିଆ ବ୍ଲକ ବଡ଼ଶିଲିଙ୍ଗାଠାରୁ ଓଡ଼ଗାଁ ବ୍ଲକ ରୋହିବାଙ୍କ ପର୍ଯ୍ୟନ୍ତ ଲୋକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ଏହା ସହିତ ବୌଦ୍ଧ ଜିଲ୍ଲା, ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, କଟକ ଜିଲ୍ଲା ନରସିଂହପୁର ଓ ବଡ଼ମ୍ବାବାସୀ ମଧ୍ୟ ନୟାଗଡ଼ ଉପରେ ନିର୍ଭର କରୁଛନ୍ତି। ଆଖପାଖ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ଓ ନୟାଗଡ଼ ଜିଲ୍ଲାର ହିତ ଦୃଷ୍ଟିରୁ ସରକାର ତୁରନ୍ତ ମେଡିକାଲ କଲେଜ ସ୍ଥାପନ ପାଇଁ ଘୋଷଣା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଶ୍ରୀକାନ୍ତ ଖଟେଇ, ସନ୍ତୋଷ କୁମାର ପ୍ରଧାନ, ରାମକୃଷ୍ଣ ରଥ, ଗୁରୁପ୍ରସାଦ ଜେନା, ଜାନକୀ ବଲ୍ଲଭ ଜେନା ପ୍ରମୁଖ ସରକାରଙ୍କୁ ଶାଣିତ ସ୍ୱରରେ ନିନ୍ଦା କରିବା ସହ ମେଡିକାଲ କଲେଜ ସ୍ଥାପନ ପାଇଁ ନାରବାଜି କରିଥିଲେ। ଆଜିର ଶୋଭାଯାତ୍ରାରେ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିନିଧିଙ୍କ ସହ ରୋଟାରୀ କ୍ଲବ, ସିଭିଲ୍ ସୋସାଇଟ, ବରିଷ୍ଠ ନାଗରିକ ମଞ୍ଚ, ବସ ମାଲିକ ସଂଘ, ଡ୍ରାଇଭର ସଂଘ, ଟ୍ୟାକ୍ସି ଚାଳକ ସଂଘ, ବାରିକ ସଂଘ, ବ୍ୟବସାୟୀ ସଂଘ, ଭାରତ ବିକାଶ ପରିଷଦ, ଇନର ହ୍ୱିଲ୍ କ୍ଲବ, ସାମ୍ବାଦିକ ଭବନ ସଦସ୍ୟମାନେ ସାମିଲ ହୋଇଥିଲେ। ଯୁବନେତା ଦୁର୍ଯ୍ୟୋଧନ ବେହେରାଙ୍କ ନେତୃତ୍ୱରେ ଅନେକ ଯୁବକ ସାମିଲ ହୋଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଶୋଭାଯାତ୍ରାରେ ୮ ବ୍ଲକ୍ ଲୋକ ସାମିଲ

ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ। ଏହା ପରେ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବା ସହ ସ୍ୱରକୁ ଶାଣିତ କରିବା ପାଇଁ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିନିଧିମାନେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ବୈଦ୍ୟଭୂଷଣ ମହାପାତ୍ର, ଅନୀଲ କୁମାର ପଣ୍ଡା, ଧୀରେନ୍ଦ୍ର ପଟ୍ଟନାୟକ, ଅବିନାଶ ସାହୁ, ପ୍ରସନ୍ନ ବସନ୍ତିଆ ପ୍ରମୁଖ ପରିଚାଳନା କରିଥିଲେ। ଶୋଭାଯାତ୍ରାରେ ୪ ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇ ନୟାଗଡ଼ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଜୋରଦାର ଲଢ଼େଇ ହେବ ବୋଲି ମତ ରଖିଥିଲେ।

## ଖଣ୍ଡପଡ଼ାରେ ସାମନ୍ତ ମହୋତ୍ସବ ପାଇଁ ଭୂମିପୂଜନ



ଖଣ୍ଡପଡ଼ା,୨।୧(ସମିସ): ଖଣ୍ଡପଡ଼ା ସହର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ମା'ବାଉରୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ଥିବା ନୂତନ ମହୋତ୍ସବ ପଡିଆରେ ଚଳିତ ମାସ ଜାନୁୟାରୀ ୨୩ ରୁ ୨୫ ତାରିଖ ୩ ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଆଜି ପୂର୍ବାହ୍ନରେ ଅନୁଷ୍ଠାନ ପକ୍ଷରୁ ଭୂମି ପୂଜନ ହୋଇଯାଇଛି। ଏ ଅବସରରେ ଅନୁଷ୍ଠାନ ସଭାପତି ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ରଙ୍କ ପୌରହିତରେ ଆୟୋଜିତ ଭୂମି ପୂଜନରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ପୌରାଧ୍ୟକ୍ଷା ଆରତୀ ପ୍ରଧାନ, ଅନୁଷ୍ଠାନର ଆବାହକ ଆଇନଜୀବୀ ତଥା ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ନାରାୟଣ ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂ ସାମନ୍ତ, ଯୁବ ସଂଗଠକ ଗୋପାଳ କୃଷ୍ଣ ପଣ୍ଡା, ହୃଷିକେଶ ରାଉତ, ମନୋରଞ୍ଜନ ବେହେରା, କାଉନସିଲ ଦିଗାମ୍ବର ମିଶ୍ର, ସରୋଜ ପ୍ରଧାନ, ଏନଏସି କର୍ତ୍ତୃପକ୍ଷଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ଏନଏସି ପଚାଶରୁ ଊର୍ଦ୍ଧ୍ୱ ଯୁବକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଗଡ଼ଜାତ ଖଣ୍ଡପଡ଼ା ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣିସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ମହତ ଲକ୍ଷ୍ୟ ନେଇ ଚଳିତ ବର୍ଷ ଠାରୁ ଏହି ଖଣ୍ଡପଡ଼ା ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ନେଇ ଅନୁଷ୍ଠାନ ପକ୍ଷରୁ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଖୁବ ଧୂମଧାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ପ୍ରଥମ କରି ଆୟୋଜିତ ହେଉଥିବା ସାମନ୍ତ ମହୋତ୍ସବ ସଫଳତା ନେଇ ମହୋତ୍ସବ କମିଟି କର୍ମକର୍ତ୍ତାମାନେ ଅଞ୍ଚଳବାସୀଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି।

## ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା, ୨ ଗୁରୁତର

ଓଡ଼ଗାଁ,୨।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ନୂଆଗାଁ ପୂର୍ତ୍ତ ବିଭାଗ ରାସ୍ତାର ଘଡ଼େଇବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ୍ ଓ ସ୍କୁଟି ଚାଳକ ଉଭୟ ମୁର୍ମୂଷ ଅବସ୍ଥାରେ ପଡ଼ି ରହିଥିବା ବେଳେ ଆମ୍ବୁଲାନ୍ସ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଗୁରୁତରମାନେ ହେଲେ ଓଡ଼ଗାଁ ଥାନା ନୂଆଗାଁ ବ୍ଲକ ଘଡ଼େଇବନ୍ଧ ଗାଁର ବାଇକ ଚାଳକ ଯୁବକ ନୀଧୀଆ ପ୍ରଧାନ ଓରଫ ଶଙ୍କର ଏବଂ ଡିମିରିପଲ୍ଲୀ ପଞ୍ଚାୟତ କଣବାଙ୍କ ଗାଁର ଅନୁସୂଚିତ ଜନଜାତି ରାମ ଜାନୀ। ଯୁବକ ନୀଧୀଆ ବାଇକ ନେଇ ଡିମିରିପଲ୍ଲୀ ଆଡ଼କୁ ଯାଉଥିବା ବେଳେ ରାମ ଜାନୀ ସ୍କୁଟିରେ ଡିମିରିପଲ୍ଲୀଠାରୁ ବାହାଡ଼ାଝୋଲା ଆସୁଥିଲେ। ଘଡେଇ ବନ୍ଧ ସ୍କୁଲ ନିକଟରେ ସ୍କୁଟି ସହିତ ବାଇକ୍ ଧକ୍କା ହୋଇଥିଲା। ୨ ଚାଳକ ରାସ୍ତା ଉପରେ ମୁମୂର୍ଷୁ ଅବସ୍ଥାରେ ପଡିଥିଲେ। ନିକଟସ୍ଥ ବିଦ୍ୟାଳୟର ଶିକ୍ଷକ ହରପ୍ରସାଦ ମହାପାତ୍ର ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ମାନଙ୍କୁ ଓଡ଼ଗାଁ ପଠାଯାଇଥିଲା।

## ଯୁବ ଉଦ୍ୟୋଗୀଙ୍କ ଅକାଳ ବିୟୋଗ

- ପନ୍ତିଖାରୀ ଶାସନ ଗାଁରେ ଶୋକର ଲହରୀ

ଓଡ଼ଗାଁ,୨।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ଶାସନ ଗାଁର ଜଣେ ଯୁବଦ୍ୟୋଗୀଙ୍କ ଅକାଳ ବିୟୋଗରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବନ୍ଧୁ ବର୍ଗ ଏବଂ ଗ୍ରାମବାସୀଙ୍କ ଧୈର୍ଯ୍ୟହରା ହୋଇପଡିଛନ୍ତି। ମୃତ ଯୁବଦ୍ୟୋଗୀ ଜଣକ ହେଲେ କୃଷି ଉଦ୍ୟାନବିତ ତଥା ଅବସରପ୍ରାପ୍ତ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ହୋତାଙ୍କ ସାନ ପୁଅ ଶୁଭଜ୍ୟୋତି ହୋତା। ଶରୀର ଅସୁସ୍ଥ ଯୋଗୁଁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲୁଥିବା ଅବସ୍ଥାରେ ୨୦୨୬ ଜାନୁଆରୀ ୧ ତାରିଖ ସକାଳ ୭ଟା ସମୟରେ ଡ଼ାକ୍ତରଖାନା ତରଫରୁ ଶୁଭଜ୍ୟୋତଙ୍କ ମୃତ ଘୋଷଣା କରାଯାଇଥିଲା। ମୃତ୍ୟୁ ବେଳକୁ ବାପା ସୁରେଶ ଚନ୍ଦ୍ର ହୋତା ପୁତ୍ର ନିକଟରେ ଉପସ୍ଥିତ ରହିଥିଲେ। ସଙ୍ଗେ ସଙ୍ଗେ ମୃତ ଶରୀର ଓଡ଼ିଶା ଆଣିବା ସମ୍ଭବପର ନହେବାରୁ ଶୁଭଙ୍କର ବଡ଼ ଭାଇ ଏବଂ ଭାଉଜ ସେଠାରେ ପହଞ୍ଚିବା ପରେ ଶୁଭଙ୍କର ଶବ ସତ୍କାର କରାଯାଇଥିଲା।

### ବିଡିଓ, ତହସିଲଦାରଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

## ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି



ଭାପୁର,୨।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଅଞ୍ଚଳର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଭାପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କ ସହିତ ଶୁକ୍ରବାର ଆଲୋଚନା କରାଯାଇଥିଲା। ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ଭେଟି ଭାପୁର ତଥା ଅନ୍ୟ ସ୍ଥାନରେ ଉପୁଜିଥିବା ପାନୀୟ ଜଳ ସମସ୍ୟା, ଭାପୁର ହାଇସ୍କୁଲ ଠାରୁ କଲେଜ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ସିମେଣ୍ଟ କରିବା, ଭାପୁର ଜଗନ୍ନାଥ ମନ୍ଦିର କାର୍ଯ୍ୟାରମ୍ଭ କରିବା ସମେତ ଅନ୍ୟ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିବା ସହିତ ତାଙ୍କୁ ଏହି ଅବସରରେ ମଧ୍ୟ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଅନୁରୂପ ଭାବେ କମିଟି ସଦସ୍ୟମାନେ ତହସିଲଦାର ମୋନାଲିସା ରଥଙ୍କୁ ମଧ୍ୟ ଭେଟି ଭାପୁର ବସଷ୍ଟାଣ୍ଡ, ପୋଷ୍ଟ ଅଫିସ ତଥା ଅନ୍ୟ ସରକାରୀ ଅଫିସ ନିଜସ୍ୱ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସ୍ଥାନ ମଞ୍ଜୁର ପାଇଁ ଅନୁରୋଧ କରାଯାଇଥିଲା। ବସଷ୍ଟାଣ୍ଡ ଏବଂ ପୋଷ୍ଟଅଫିସ ନିର୍ମାଣ ପାଇଁ ଆବଶ୍ୟକ ସ୍ଥାନ ଚିହ୍ନଟ କରାଯାଇଥିବା ସୁଶ୍ରୀ ରଥ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଧ୍ୟ ତାଙ୍କୁ କମିଟି ପକ୍ଷରୁ ନୂତନ ବର୍ଷର ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହି ପ୍ରତିନିଧି ମଣ୍ଡଳୀରେ ଅଧ୍ୟାପକ ସୁମନ୍ତ ଜେନା, ଭାପୁର ବଣିକ ସଂଘର ପୂର୍ବତନ ସଭାପତି ଗଙ୍ଗାଧର ବାରିକ, ଲକ୍ଷ୍ମୀଧର ମହାପାତ୍ର, ଯଦୁନାଥ ବେହେରା, ଅନଙ୍ଗ ସାମନ୍ତରାୟ, ସାମ୍ବାଦିକ ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ, ପଦ୍ମନାଭ ବେହେରା, ନିତ୍ୟାନନ୍ଦ ସାହୁ, କୁଳମଣି ସାହୁ, କୁବେର ସାସମଲ ପ୍ରମୁଖ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

- ଜ୍ୱାଇଁଙ୍କୁ ବିଷଦେଇ ହତ୍ୟା ଘଟଣା

## ଶାଶୂ, ଶଶୁର, ସ୍ତ୍ରୀ ଓ ଶାଳୀଙ୍କ ନାମରେ ମାମଲା

ନୟାଗଡ଼/ରଣପୁର,୨।୧(ସମିସ): ଶ୍ୱଶୁର ଘରେ ବିଷ ପିଆଇ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗରେ ନୟାଗଡ଼ ସଦରଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ମୃତକଙ୍କ ସ୍ତ୍ରୀ, ଶାଳୀ, ଶାଶୂ, ଶଶୁରଙ୍କ ସମେତ କିଛି ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଛି। ମୃତକ ହେଲେ ଖଡିଆ ଗାଁର ବିପିନ ଭୂୟାଁ।

ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଖଡିଆ ଗାଁର ରମେଶ ଭୂୟାଁଙ୍କ ପୁଅ ବିପିନ ଗତ ୮ ମାସ ତଳେ ସଦରଥାନା ଜୟମଙ୍ଗଳପ୍ରସାଦ ଗାଁର ବିକ୍ରମ ନାୟକଙ୍କ ଝିଅ ଲକି ଓରଫ ବର୍ଷାଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶଶୁରଘର ଲୋକେ ବିଭିନ୍ନ ସମୟରେ ବିପିନଠାରୁ ଲକ୍ଷାଧିକ ଟଙ୍କା ମାଗି ନେଇଥିଲେ ଗତ କିଛିଦିନ ତଳେ ପୁଣିଥରେ ୫୦ ହଜାର ଟଙ୍କା ମାଗିଥିଲେ। ଏଥିପାଇଁ ମନା କରିବାରୁ ଶ୍ୱଶୁରଘର ଲୋକେ ଏବଂ ସ୍ତ୍ରୀ ତାଙ୍କ ସହ କଥା ହୋଇନଥିଲେ। ଏପରିକି ସ୍ତ୍ରୀ ବାପ ଘରକୁ ଚାଲି ଆସିଥିଲେ। ଗତ ମଙ୍ଗଳବାର ଦିନ ବିପିନ ଶ୍ୱଶୁର ଘରକୁ ଆସିଥିଲେ। ସେଠାରେ ଶଶୁର ଘର ଲୋକେ ତାଙ୍କୁ ପ୍ରବଳ ମାଡ ମାରିବା ସହ ଜୋର ଜବରଦସ୍ତ ଥଣ୍ଡା ପାନୀୟରେ ବିଷ ପିଆଇ ଦେଇଥିବା ବିପିନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିପିନଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଦେଇ ଶ୍ୱଶୁର ଘର ଲୋକେ ପଳାଇ ଯାଇଥିଲେ। ପରେ ବିପିନଙ୍କୁ ପରିବାର ଲୋକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିପିନଙ୍କ ପରିବାର ସଦସ୍ୟ ଦର୍ପନାରାୟଣପୁର ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଚିକିତ୍ସାଧୀନ ଥିବା ବେଳେ ବିପିନଙ୍କ ବୟାନ ଭାଇରାଲ୍ ହୋଇଛି। ଗତକାଲି ଚିକିତ୍ସାଧିନ ଅବସ୍ଥାରେ ବିପିନଙ୍କ ମୃତ୍ୟୁ ହୋଇଯିବା ପରେ ନ୍ୟାୟ ଦାବିରେ ଫାଣ୍ଡି ଆଗରେ ଶବ ରଖି ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଅଭିଯୋଗ ଆଧାରରେ ସଦରଥାନା ପୁଲିସ ଏହି ଘଟଣାରେ ଶଶୁର ବିକ୍ରମ ନାୟକ, ଶାଶୂ କୁମାରୀ ନାୟକ, ସ୍ତ୍ରୀ ଲକି ଏବଂ ଶାଳୀ ସମେତ କିଛି ସହଯୋଗୀଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ସାଙ୍ଗର ଶବ ଶୋଭାଯାତ୍ରାରେ ଯାଉଥିବା ବ୍ୟକ୍ତିଙ୍କ ମୃତ୍ୟୁ

ଗଣିଆ,୨।୧(ସମିସ): ଜଣେ ବନ୍ଧୁର ଶବ ଶୋଭାଯାତ୍ରାରେ ଯାଉଥିବାବେଳେ ଆଉ ଜଣେ ବନ୍ଧୁଙ୍କର ମୃତ୍ୟୁ ଘଟିଛି। ବିଜୟନଗର ଗ୍ରାମର ଯୋଗୀନାଥ ମହାଲିକଙ୍କର ଆଜି ସକାଳେ ପରଲୋକ ହୋଇଥିଲା। ତାଙ୍କର ଶବ ଶୋଭାଯାତ୍ରାରେ ଯାଉଥିବା ସମୟରେ ତାଙ୍କ ବନ୍ଧୁ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଶୁଭେନ୍ଦ୍ର କୁମାର ସାହୁ ହୃଦ୍‌ଘାତର ଶିକାର ହୋଇଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ। ଉପସ୍ଥିତ ଲୋକମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଗଣିଆ ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଜ ବନ୍ଧୁଙ୍କ ମୃତ୍ୟୁକୁ ସହ୍ୟ କରି ନପାରି ତାଙ୍କର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଉଭୟ ବନ୍ଧୁ ମେଳାପୀ, ପରୋପକାରୀ ଥିଲେ। ଶୁଭେନ୍ଦୁଙ୍କୁ ମାତ୍ର ୬୨ ବର୍ଷ ବୟସ ହୋଇଥିଲା। ବଡ଼ ପୁଅ ସୁନୀଲ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ଗୋଟିଏ ଦିନରେ ଗୋଟିଏ ଗାଁରେ ଦୁଇ ବନ୍ଧୁଙ୍କର ଏଭଳି ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୋଟିଏ ଦିନରେ ଗୋଟିଏ ଶ୍ମଶାନରେ ଉଭୟଙ୍କ ଦୁଇ ଜଳିଥିବା ଜଣାପଡ଼ିଛି।

## ବାଲୁଗାଁ ବାଣପୁର ଅଞ୍ଚଳରେ ବ୍ୟାପକ ଧଳାଜହର କାରବାର

ବାଲୁଗାଁ;୨।୧(ସମିସ) ; ଖୋର୍ଦ୍ଧା ଜିଲ୍ଲା ଚିଲିକା ବାଲୁଗାଁରେ ବଙ୍ଗୀୟ ଯୁବକମାନଙ୍କ ଦ୍ୱାରା ଧଳାଜହର ବେପାର ବୃଦ୍ଧି ପାଇଛି। ଏପରିକି ବିଭିନ୍ନ ବ୍ୟବସାୟ କରିବା ବାହାନାରେ ଅଞ୍ଚଳକୁ ଆସି ବଙ୍ଗୀୟ ବେପାରୀ ଧଳାଜହର କାରବାରକୁ ମୁଖ୍ୟ ବ୍ୟବସାୟ କରିଛନ୍ତି। ବଙ୍ଗୀୟ ଯୁବକମାନଙ୍କ ଧଳାଜହର ଗ୍ରାହକ ହେଉଛନ୍ତି ବାଲୁଗାଁ ବାଣପୁର ଅଞ୍ଚଳର ଯୁବପିଢ଼ି। ବାଲୁଗାଁ କଲେଜର ଅନତି ଦୂର ଚିଲିକା କୂଳରେ ନିଶା କାରବାର ଚାଲିଥିଠବା ବେଳେ ଅନେକ ଛାତ୍ର ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି।



ବାଲୁଗାଁ ଅବକାରୀ ବିଭାଗ କାଯ୍ୟାଳୟର ଅନତି ଦୂର ରେଳବାଇ ଓଭରବ୍ରିଜ ତଳ, ବସଷ୍ଟାଣ୍ଡ ଓ ଉମାମହେଶ୍ୱର ମନ୍ଦିର ପଡିଆ ଆଦି ସ୍ଥାନରେ ମଧ୍ୟ ବ୍ୟାପକ ଧଳାଜହର କାରବାର ଚାଲିଛି। ଏଥି ସହିତ ବାଣପୁର ଖାସମାହାଲ ପଡ଼ିଆ ଓ ନାଚୁଣୀ ଆଦି ଅଞ୍ଚଳରେ ବ୍ୟାପକ ଧଳାଜହର କାରବାର ଚାଲିଛି। ଅବକାରୀ ବିଭାଗ ସବୁ ଜାଣି ନିରବଦ୍ରଷ୍ଟା ସାଜି ଶୋଇ ରହିଛି। ଯଦି ଏହି ଧଳାଜହର ବିକ୍ରି ରୋକିବାରେ ପୁଲିସି ଓ ଅବକାରୀ ବିଭାଗ ଏପରି ନିରବ ରୁହେ ତେବେ କିଛି ଦିନ ପରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ଆଶଙ୍କା ବୃଦ୍ଧି ପାଉଛି। ତେବେ ଚିଲିକା ବିଧାୟକ ଖୋଦ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ମନ୍ତ୍ରୀ ରହିଥିବା ସ୍ଥଳେ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏପରି ବ୍ୟାପକ ଧଳାଜହର କାରବାରକୁ ରୋକିବାରେ ଯଦି ପ୍ରଶାସନ ବିଫଳ ତେବେ ଅନ୍ୟ ସ୍ଥାନରେ ଧଳାଜହର କାରବାର କିଭଳି ଚାଲିଥିବ ତାହା ସହଜେ ଅନୁମେୟ। ଏହାକୁ ଗୁରୁତ୍ୱର ସହ ନେଇ ଅଞ୍ଚଳରେ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ

ନୟାଗଡ଼/ଶରଣକୁଳ,୨।୧(ସମିସ): ନୟାଗଡ଼ ଜିଲ୍ଲା ସ୍ତରୀୟ ଜୁନିଅର ରେଡ୍‌କ୍ରସ୍




ଶିବିର ଶରଣକୁଳ ନିକଟସ୍ଥ ସୋଲପଟା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଓଡଗାଁ ତହସିଲଦାର ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପତି ରାଜ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ବନଲତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ଜେନା, ସୋଲାପଟା ସମିତି ସଭ୍ୟ ବିନୟ କୁମାର ବରାଡ଼ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଜୁନିଅର ରେଡ଼କ୍ରସ ପତାକାକୁ ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କ୍ୟାମ୍ପକୁ ଉଦଘାଟନ କରିଥିଲେ। ଡିପିଇଓ ଅନିଲ କୁମାର ଦାଶ, ଜୁନିଅର ରେଡ଼କ୍ରସ ଅଫିସର ଘନଶ୍ୟାମ ରାଉତ ଓ ଆବାହକ ପ୍ରଦ୍ୟୁମ୍ନ କୁମାର ନନ୍ଦ ଶିବିରକୁ ପରିଚାଳନା କରିଥିଲେ। କ୍ୟାମ୍ପ ଅଫିସର ଶ୍ରୀ ରାଉତ ବିବରଣୀ ପାଠ କରିବା ପରେ ଶିବିରାର୍ଥୀମାନେ ଶପଥ ଗ୍ରହଣ କରିଥିଲେ। କ୍ୟାମ୍ପ ଡିରେକ୍ଟର ବିଜୟ କୁମାର ମହାପାତ୍ର ଓ ପୂର୍ବତନ ଡିପିଇଓ ପ୍ରକାଶ ଚରଣ ଶାନ୍ତ ଶିବିରାର୍ଥୀଙ୍କୁ ଉଦବୋଧନ ଶିଖାଇଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୪୭ ଜଣ ଜେଆରସି ଛାତ୍ରଛାତ୍ରୀ ଓ ୪୭ ଜଣ କାଉନସିଲର ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା କୁମାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆବର୍ଷ ପାଇଁ ଚଳଚଞ୍ଚଳ ସୁନାମୁହିଁ ପାର୍କ

ଖଣ୍ଡପଡ଼ା,୨।୧(ସମିସ)

ନୟାଗଡ଼ ଜିଲ୍ଲା ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଖଣ୍ଡପଡା ସହରାଞ୍ଚଳରେ ଥିବା ସୁନାମୁହିଁ ପାର୍କଟି ବର୍ତ୍ତମାନ ଚଳ ଚଞ୍ଚଳ ଥିବା ଜଣାପଡିଛି। ଚଳିତ ବର୍ଷ ଶୀତଋତୁ ପ୍ରାରମ୍ଭରୁ ଏଠାକୁ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ

### ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି

ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି। ନୟାଗଡ଼ ଏବଂ ଖଣ୍ଡପଡ଼ାକୁ ଯାତାୟାତ ସମୟରେ ପର୍ଯ୍ୟଟକ ଏବଂ ସାଧାରଣ ବାଟୋଇଙ୍କ ପାଇଁ ଏହି ପାର୍କଟି ଖୁବ ଆକର୍ଷଣୀୟ ହୋଇଛି। ନୂଆ ବର୍ଷରେ ପର୍ଯ୍ୟଟକ ନିଜ ପରିବାର, ସାଙ୍ଗସାଥି




ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପାର୍କରେ ବୁଲୁଥିବାର ଦେଖିବାକୁ ମିଳିଛି। ପାହାଡ ଘେରା ମଧ୍ୟରେ ବିସ୍ତୀର୍ଣ୍ଣ ଜଳରାଶି ସାଙ୍ଗକୁ ସନ୍ଧ୍ୟା କାଳୀନ ସୂର୍ଯ୍ୟାସ୍ତ ବେଶ ଆକୃଷ୍ଟ କରୁଛି ପର୍ଯ୍ୟଟକଙ୍କୁ। ଏହା ସାଙ୍ଗକୁ ଫୋଟ ସୁଟ ଯୁବ ପିଢ଼ିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ହୋଇଥିବା ବେଳେ କୁନି ପିଲାମାନଙ୍କ ପାଇଁ ପାର୍କରେ ଥିବା ଖେଳଣା ଗୁଡିକ ବେସ ଉପଯୋଗୀ ହେଉଛି। ଚଳିତ ବର୍ଷଠାରୁ ଲକ୍ଷାଧିକ ଟଙ୍କାରେ ନିଲାମ ପକ୍ରିୟା ମାଧ୍ୟମରେ ପାର୍କର ସଫାସୁତୁରା, ମୋଟର ସାଇକେଲ ଷ୍ଟାଣ୍ଡ, ପର୍ଯ୍ୟଟକଙ୍କ ପ୍ରବେଶ ଫି ଆଦି ଏନଏସି ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହାତକୁ ଯାଇଥିବା ଜଣାପଡ଼ିଛି। ମାତ୍ର ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କ ଠାରୁ ବେଆଇନ ପାର୍କିଂ ଫି ଆଦାୟ ହେଉଥିବାରୁ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାର୍କରେ ଖେଳଣା ଗୁଡିକ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ଏହାକୁ ସଜଡ଼ା ହେଉନଥିବାରୁ ଛୋଟ ପିଲାମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏସମସ୍ତ ଅବ୍ୟବସ୍ଥା କେବେ ଦୂର ହେବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂଆବର୍ଷରେ ପର୍ଯ୍ୟଟକ ମାନେ ପରିବାର ଏବଂ ସାଙ୍ଗସାଥି ମାନେ ନବନିର୍ମିତ ପିଣ୍ଡି ଗୁଡ଼ିକରେ ଭୋଜିଭାତରେ ସମୟ ବିତାଇବା ସହ ସୁନାମୁହିଁ ଡ୍ୟାମରେ ଗାଧୋଇବାର ମଜା ନେଇଥିବା ଜଣାପଡିଛି। ସେହିପରି ଭିଡ ଏବଂ ଶାନ୍ତିଶୃଙ୍ଖଳାକୁ ନଜରରେ ରଖି ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ କଡା ନଜର ରଖା ଯାଉଥିବା ଦେଖିବାକୁ ମିଳିଛି। ପାର୍କରେ ଉପୁଜିଥିବା ସମସ୍ୟା ପ୍ରତି ଏନଏସି କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣରେ ଯୁବକ ମୃତ

ଖୋର୍ଦ୍ଧା/ବେଗୁନିଆ,୨୧୧(ସମିସ)



- ବନ କର୍ମଚାରୀ ସ୍ଥାନୀୟ ଲୋକଙ୍କ କ୍ରୋଧର ଶିକାର
- ମୃତକଙ୍କ ପରିବାରକୁ ୧୦ ଲକ୍ଷ ୬୦ ହଜାର ସହାୟତା

କିଛିଦିନ ହେବ ବେଗୁନିଆ ଅଞ୍ଚଳରେ ଉପଦ୍ରବ ଜାରି ରଖିଛନ୍ତି ହାତୀ। ଆଜି ଭୋର ସମୟରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେଗୁନିଆ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଭୂଆସୁଣୀପାଟଣା ଗ୍ରାମର ପ୍ରିୟବ୍ରତ ପରିଡା ଓରଫ୍ ଟିକେଇ (୨୫)। ଟିକେଇ ଆଜି ସକାଳୁ ଗାଁ ମୁଣ୍ଡ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା କାଜୁ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ପ୍ରବଳ କୁହୁଡି ପଡିଥିବା କାରଣରୁ ସେ ହାତୀ ଆସିବା ସମ୍ପର୍କରେ ଅବଗତ ହୋଇ ନ ଥିବାବେଳେ ଏହି ସମୟରେ ବୁଲୁଥିବା ଗୋଠଛଡା ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଘଟଣାସ୍ଥଳରେ ଲୋକ ରୁଣ୍ଡ ହୋଇଥିଲେ ମଧ୍ୟ ମଣିଷ ମରା ହାତୀ ମୃତଦେହ ଛାଡି ଜଙ୍ଗଲକୁ ଯାଇ ନ ଥିଲା। ଖବର ପାଇ ବେଗୁନିଆ ପୁଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିବାବେଳେ ବନବିଭାଗ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଖବର ଦେବାର ୩ ଘଣ୍ଟା ବିଳମ୍ବରେ ରେଞ୍ଜର ଜୟକୃଷ୍ଣ ପଣ୍ଡା ପହଞ୍ଚିଥିବାରୁ ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ସମସ୍ତ ବ୍ୟବସ୍ଥା କରିବା ସତ୍ତ୍ୱେ ଉକ୍ତ ଗୋଠ ଛଡ଼ା ଦନ୍ତା ମୃତକ ଶବ ନ ଛାଡ଼ି ପୁନଶ୍ଚ ପାଖରେ ଥିବା ଗଛ ଉହାଡକୁ ଭିଡି ନେଇଯାଇଥିଲା। ବହୁ ସମୟ ପରେ ହାତୀକୁ ଘଉଡାଇ ବନ ବିଭାଗ ଶବକୁ ଜବତ କରିଥିଲା।

ତେବେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ହୋହାଲ୍ଲା କରିଥିଲେ। ମୃତ ଯୁବକଙ୍କ ରୋଗିଣା ବାପମାଆ ଥିବାବେଳେ ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିବା ସହ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଚାଲିଥିବା ବେଗୁନିଆ ବନପାଳ କାର୍ଯ୍ୟାଳୟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଖବର ପାଇ ବେଗୁନିଆ ତହସିଲଦାର ତାପସ ବିଶି ସେଠାରେ ପହଞ୍ଚିଥିଲେ। ଏମିତିକି ଘଟଣାସ୍ଥଳରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ପହଞ୍ଚି ଘଟଣାକୁ ଗମ୍ଭୀରତାର ସହ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକ ପରିବାରକୁ ସମବେଦନା ଜଣାଇଥିଲେ। ତେବେ ବନଖଣ୍ଡ କର୍ମଚାରୀଙ୍କ ଅପାରଗତା ଯୋଗୁଁ ଏଭଳି କାର୍ଯ୍ୟ ଘଟୁଛି ବୋଲି ମତ ପ୍ରକାଶ କରିଥିଲେ। ପରେ ପ୍ରଶାସନ ସହ ଆଲୋଚନା କରି ରେଡକ୍ରସ ପାଣ୍ଠିରୁ ୬୦ ହଜାର ଟଙ୍କା ସତ୍କାର ପାଇଁ ବ୍ୟବସ୍ଥା କଲେ। ବନ ବିଭାଗ ତରଫରୁ ୧୦ଲକ୍ଷ ଟଙ୍କା ମୃତ ପରିବାରକୁ ସହାୟତା ଘୋଷଣା କରାଯାଇଛି। ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ପୁଲିସ ଓ ବନବିଭାଗ ସ୍ଥାନୀୟ ଲୋକ ସହାୟତାରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପାଇଁ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ହାତୀ ପଲକୁ ଘଉଡାଇବାକୁ ଅଧିକରୁ ଅଧିକ କାର୍ଯ୍ୟ କରିବାକୁ ଲୋକମାନେ ଦାବି କରିଛନ୍ତି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନିରାକାରପୁର,୨୧୧(ସମିସ): ୨୦୨୪-୨୫ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ର ସାଇ ପ୍ରସାଦ ସ୍ୱାଇଁ ବୃତ୍ତି ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ପ୍ରିୟାଂଶୀ ସ୍ୱାଇଁ ଚତୁର୍ଥ ସ୍ଥାନ ହାସଲ କରିଥିବାରୁ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଅମର ଜୟସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ବ୍ଲକ୍ ଶିକ୍ଷାବିତ୍ ପ୍ରସନ୍ନ ଶ୍ରୀଚନ୍ଦନ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାରଣା, ସମ୍ମାନିତ ଅତିଥି ଭାବେ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁବାଳା ବେହେରା, ଯାଜପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ନାୟକ, ସିଆରସିସି ମଳୟ କୁମାର ମଙ୍ଗରାଜ କୃତୀ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ସହ ଶିକ୍ଷୟିତ୍ରୀ ଶ୍ରୀମତୀ ଉନିତା ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଅମର କୁମାର ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଆବେଦନ




ନିରାକାରପୁର,୨୧୧(ସମିସ): ବହୁ ପ୍ରତୀକ୍ଷିତ ଓ ଗୁରୁତ୍ୱପୂର୍ଣ୍ଣ କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଆବେଦନ କରିଛି ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏ ଆଇ)। କିଛି ମାସ ପୂର୍ବେ ଏହି ପ୍ରକଳ୍ପକୁ ପରିବେଶ ମଞ୍ଜୁରି ମିଳିଥିଲା। ପରେ ଅନ୍ୟ ଆବଶ୍ୟକୀୟ ଅନୁମତି ମିଳିଲା ପରେ ଏନଏଚଏ ଆଇ ଏହାର ଦୁଇଟି ପ୍ୟାକେଜରେ ଟେଣ୍ଡର ଆବେଦନ କରିଛି। ପ୍ରଥମ ପ୍ୟାକେଜରେ ଖୋର୍ଦ୍ଧାର ରାମେଶ୍ୱରଠାରୁ ବାଙ୍କୀ ନିକଟରେ ଥିବା ବିଳିପଡ଼ା ଗ୍ରାମ ପର୍ଯ୍ୟନ୍ତ ୬ ଥାକିଆ ଆକ୍ସେସ କଣ୍ଟ୍ରୋଲ ସମ୍ପୂର୍ଣ୍ଣ ନୂଆ ଜାତୀୟ ରାଜପଥ ନିର୍ମାଣ ପାଇଁ ୧୭୧୫ କୋଟି ଟଙ୍କାର ଟେଣ୍ଡର ଡକାଯାଇଛି। ଏହାର ଦୈର୍ଘ୍ୟ ୪୦ କିମି ରହିଛି। ସେହିପରି ପ୍ୟାକେଜ-୩ ରେ ଢେଙ୍କାନାଳର ଗୋବିନ୍ଦପୁରଠାରୁ କଟକର ଟାଙ୍ଗି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନୂଆ ୬ ଥାକିଆ ରାଜପଥ ନିର୍ମାଣ ପାଇଁ ୧୧୧୫ କୋଟି ଟଙ୍କାର ଟେଣ୍ଡର ଡାକିଛି ଏନଏଚଏ ଆଇ। ଏହି ୧୧୦ କିମି ଲମ୍ବା ର କ୍ୟାପିଟାଲ ରିଜିଅନ ରିଂ ରୋଡ଼ ଟି ନିର୍ମାଣ ହେଲେ ଖୋର୍ଦ୍ଧା , ଭୁବନେଶ୍ୱର , କଟକ ଦେଇ ଯାଉଥିବା ଭାରୀଯାନ ସହର ଭିତରେ ନ ଯାଇ ଏହି ରିଂରୋଡ୍‌ରେ ସହଜରେ ଯାଇପାରିବେ। ବାକି ଥିବା ପ୍ୟାକେଜ -୨ (ବିଳିପଡ଼ାଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ) ଟେଣ୍ଡର ଖୁବଶୀଘ୍ର ଡକାଯିବ ବୋଲି ସୂଚନା ମିଳିଛି।

■ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ପରିଚାଳନା ଅଧୀନ ଜିଲ୍ଲାସ୍ତରୀୟ ଅଭିସରଣ କମିଟି ବୈଠକ

## ପ୍ରସବଜନିତ ଏସ୍‌ଓପି ନ ମାନିଲେ ରଦ୍ଦ ହେବ ଘରୋଇ ଚିକିତ୍ସାଳୟର ଅନୁମତି ପତ୍ର





ଖୋର୍ଦ୍ଧା,୨୧୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ପୋଷଣ କାର୍ଯ୍ୟକ୍ରମ ପରିଚାଳନା ଅଧୀନ ଜିଲ୍ଲାସ୍ତରୀୟ ଅଭିସରଣ କମିଟି ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ ପ୍ରହରାଜ ପୋଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିଶୁର ଓଜନ ଅଭିବୃଦ୍ଧି ନିମନ୍ତେ ଜିଲ୍ଲାରେ ଜାନୁଆରୀ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଜନ ଉତ୍ସବ ପ୍ରତ୍ୟେକ ଭିଏଚ୍‌ଏନ୍‌ଡି କେନ୍ଦ୍ରରେ ଅନୁଷ୍ଠିତ ହେବ। ଏହି ଅଭିଯାନକୁ ସଫଳ ରୂପାୟନ ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ କାମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜନପ୍ରତିନିଧି, ଆଶା, ଅଙ୍ଗନବାଡ଼ି କର୍ମୀ ସମସ୍ତେ ଏହି ଅଭିଯାନରେ ସାମିଲ ହେବା ସହ ଛୁଆ ଓ ମା'ର ଅଭିବୃଦ୍ଧି ନିମନ୍ତେ କି କି ଯତ୍ନର ଆବଶ୍ୟକତା ଅଛି ସେ ସମ୍ବନ୍ଧୀୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହିତ ଗର୍ଭାବସ୍ଥାରେ ଓ ପ୍ରସୂତୀ ମହିଳାଙ୍କ ଯତ୍ନ ବ୍ୟାପକ କରି ଖୋର୍ଦ୍ଧା ଜିଲ୍ଲାରେ କୌଣସି ଗର୍ଭାବସ୍ଥାରେ ଗର୍ଭସ୍ତ ଶିଶୁର ଅସୁବିଧା, ମା'ମାନଙ୍କ ଅସୁବିଧା ନହୁଏ ସେଥିପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଅଙ୍ଗବାଡ଼ି ପରିଦର୍ଶିକା, ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କୁ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିବା, ରକ୍ତହୀନତା ଓ ଉଚ୍ଚ ରକ୍ତ ଚାପ ଥିବା ଗର୍ଭବତୀ ମହିଳାଙ୍କ ପ୍ରସବ ସରକାରୀ ଡାକ୍ତରଖାନାରେ କରାଇବା ସହ ଯେଉଁଠାରେ ରକ୍ତ ମିଳିବାର ସୁବିଧା ରହିଛି ସେସବୁ ସ୍ଥାନକୁ ଅଗ୍ରାଧିକାର ଦେବାକୁ ଆଶା ଦିଦି, ସ୍ୱାସ୍ଥ୍ୟକର୍ମୀ ଗର୍ଭବତୀ ମହିଳା ସେମାନଙ୍କ ଅଭିଭାବକ ଉଭୟଙ୍କୁ ସୂଚନା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯେଉଁ ଘରୋଇ ଚିକିତ୍ସାଳୟ ପ୍ରସବଜନିତ ପ୍ରମାଣିକ ସଞ୍ଚାଳନ ପଦ୍ଧତି (ଏସ୍‌ଓପି) ମାନୁନାହାନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ଅନୁମତି ପତ୍ର ରଦ୍ଦ କରିବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ପରିବାର ମଙ୍ଗଳ) ଡା. ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଡିଏମ (ଆରସିଏଚ) ରୋଜାଲିନ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ପ୍ରମୁଖ ଯୋଗ ଦେଇଥିଲେ।

## ଓଳସିଂହ ହାଇସ୍କୁଲ ଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି ବୈଠକ



ନିରାକାରପୁର, ୨୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ସରକାରୀ ଦାଶରଥି ଉଚ୍ଚବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ୧୯୯୩ ବ୍ୟାଚ୍ ଛାତ୍ରଙ୍କ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୯୩ ବ୍ୟାଚ୍ ଛାତ୍ର ଏକଜୁଟ ହୋଇ ନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିବା ସହିତ ପୂର୍ବ ସ୍ମୃତିକୁ ମନେ ପକାଇବା ସହିତ ୧୦୦ ବର୍ଷ ପୂର୍ତ୍ତି କିପରି ମହାସମାରୋହରେ ପାଳିତ ହେବ, ସେ ସଂପର୍କରେ ଆଲୋଚନା କରାଯାଇଥିଲା।

## ୪ରୁ ଖୋର୍ଦ୍ଧା ଗିନି କପ କ୍ରିକେଟ୍

ଖୋର୍ଦ୍ଧା,୨୧୧(ସମିସ): ଚଳିତ ମାସ ୪ ତାରିଖରୁ ଖୋର୍ଦ୍ଧା ଗିନିକପି କ୍ରିକେଟ୍‌ର ତୃତୀୟ ସଂସ୍କରଣ ସ୍ଥାନୀୟ ଖୋର୍ଦ୍ଧା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଓ ଖୋର୍ଦ୍ଧା ଦଳ ଭାଗ ନେବେ। ପ୍ରତ୍ୟେକ ମ୍ୟାଚ୍ ସକାଳ ୧୦ଟାଠାରୁ ଆରମ୍ଭ ହେବ। ୧୧ ତାରିଖରେ ଉଦ୍‌ଯାପିତ ହେବ। ପ୍ରଥମ ମ୍ୟାଚ୍ ସୋଲାର କ୍ଲବ କଟକ ଓ ଜାଗୃତି କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ୭ ତାରିଖରେ ପ୍ରଥମ ସେମିଫାଇନାଲ ଓ ୧୦ ତାରିଖରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୧୧ ତାରିଖରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଖୋର୍ଦ୍ଧା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୦ ତାରିଖରେ ଅବସରପ୍ରାପ୍ତ ବରିଷ୍ଠ ଖେଳାଳିଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏସନ୍ ପକ୍ଷରୁ ସୌର୍ଯ୍ୟରଞ୍ଜନ ମହାନ୍ତି, ଭବାନୀ ପଣ୍ଡା, ମନୋଜ ପ୍ରଧାନ, ଦେବୀଶଙ୍କର ପଣ୍ଡା, ସୁରେଶ ଭୂଷଣ ପଟ୍ଟନାୟକ, ତନ୍ମୟ ବୋଷ ପ୍ରମୁଖ ସୂଚନା ଦେଇଛନ୍ତି।

## ସମାଜସେବୀ ପଦ୍ମଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ



ବେଗୁନିଆ,୨୧୧(ସମିସ):ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥ ସମାଜସେବୀ ସ୍ୱର୍ଗତ ପଦ୍ମଚରଣ ପାଣିଗ୍ରାହୀଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପାର୍କ ପରିସରରେ ନିରାଡମ୍ବର ଭାବେ ପାଳନ ହୋଇଛି। ପ୍ରାରମ୍ଭରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଫାର୍ମାସି ଅଫିସର ଚିତ୍ତରଞ୍ଜନ ହରିଚନ୍ଦନ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, କୁଳମଣି ମିଶ୍ର, ବଂଶୀଧର ପାଣିଗ୍ରାହୀ, ପ୍ରଭାତ କୁମାର ପଣ୍ଡା, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ ହୋତା, ନାଏବ ସରପଞ୍ଚ କୁଞ୍ଜବିହାରୀ ପଣ୍ଡା, ୱାର୍ଡସଭ୍ୟ ଶ୍ରୀବତ୍ସ ପାଣିଗ୍ରାହୀ, ସମାଜସେବୀ ସୁବାସ ମହାପାତ୍ର, ଦିଲ୍ଲୀପ କୁମାର ପାଣିଗ୍ରାହୀ, କୈଳାସ ଚନ୍ଦ୍ର ମହାପାତ୍ର, ନାରାୟଣ ପାଣିଗ୍ରାହୀ ଓ ନିତ୍ୟାନନ୍ଦ ସେନାପତି ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଜୀବନ କାଳ ମଧ୍ୟରେ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟ ସାପ୍ତାହିକ ହାଟ ଓ ରମାମଣି ମହାବିଦ୍ୟାଳୟ ଆଦି କାର୍ଯ୍ୟ କରି ଜନମାନସରେ ଅମ୍ଳାନ ପ୍ରତିଭା ଭାବେ ଚିର ଉଜ୍ଜୀବିତ ହୋଇ ରହିଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ପରିବେଶବିତ ସୁରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

● ରାଜ୍ୟ ଯୁବ ମହୋତ୍ସବ ଗଳ୍ପ ଲିଖନ ପ୍ରତିଯୋଗିତା

## ବାଲୁଗାଁ ମହାବିଦ୍ୟାଳୟ ଛାତ୍ରୀ ଦ୍ୱିତୀୟ



ବାଲୁଗାଁ,୨୧୧(ସମିସ):ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ପକ୍ଷରୁ ବାଲୁଗାଁ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ ପ୍ରତିଭା ଜାଲି ଗଳ୍ପ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଭା ଉକ୍ତ ପ୍ରତିଯୋଗିତାରେ 'ଆତ୍ମବିଶ୍ୱାସର ସଫଳତା' ଶୀର୍ଷକ ଗଳ୍ପ ଉପସ୍ଥାପନ କରି ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାର ସଫଳତା ଅର୍ଜନ କରିଛନ୍ତି। ସେ ଏହି କୃତିତ୍ୱ ହାସଲ କରି ନିଜ ସହ ବାଲୁଗାଁ ମହାବିଦ୍ୟାଳୟକୁ ରାଜ୍ୟ ସ୍ତରରେ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ସୁବୁଦ୍ଧି, ପ୍ରଶାସନିକ ଅଧିକାରୀ ଡଃ କୈଳାସ ଚନ୍ଦ୍ର ମହାରଣା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସମ୍ବର୍ଦ୍ଧିତ କରିଛନ୍ତି।

## ପ୍ରଫେସର ସନାତନ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା, ୨୧୧(ସମିସ): ସ୍ଥାନୀୟ ଗୀତା ଭବନ ପରିସରରେ ପ୍ରଫେସର ସନାତନ ମିଶ୍ରଙ୍କ ସ୍ମୃତିଚାରଣ ସଭା ବିଶିଷ୍ଟ ଗବେଷକ ତଥା ବରିଷ୍ଠ ଆଇନଜୀବୀ ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ରାଧାବିନୋଦ ଦାସକାନୁନଗୋ, ପ୍ରାଧ୍ୟାପକ ଉମାଶଙ୍କର ପ୍ରସାଦ, ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା, ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଯୋଗଦେଇ ପ୍ରଫେସର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ତ୍ରିକଳିଙ୍ଗର ସମ୍ପାଦକ ସମ୍ବିତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ପ୍ରଫେସର ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟ ରେ



ଗୋପାଳକୃଷ୍ଣ ଦାସ, ଶ୍ରୀଚୈତନ୍ୟ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ଜାନକୀବଲ୍ଲଭ ପଟ୍ଟନାୟକ, ସ୍ତମ୍ଭକାର "କୁସୁମାଞ୍ଜଳି' ସ୍ମରଣିକା ଉନ୍ମୋଚନ ହୋଇଥିବାବେଳେ ଅଧ୍ୟାପକ ସୁଶାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ପରମେଶ୍ୱର ସ୍ମାରକୀ କ୍ରିକେଟ୍: ବ୍ରଜମୋହନପୁର ବିଜୟୀ

ନିରାକାରପୁର,୨୧୧(ସମିସ): ୧୩ତମ ପରମେଶ୍ୱର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଉକ୍ତ ମ୍ୟାଚ୍ ବ୍ରଜମୋହନପୁର ଓ ବଡ଼ପୋଖରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରଜମୋହନପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮୦ ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ପୋଖରିଆ ନିର୍ଦ୍ଧାରିତ ଓଭରରେ ୭୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଉକ୍ତ ମ୍ୟାଚରେ ଅତିଥି ରୂପେ ଶିକ୍ଷକନେତା ରମାକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ବିଶ୍ୱନାଥ ପ୍ରଧାନ ଓ ସୌମ୍ୟରଞ୍ଜନ ବାରିକ ଖେଳ ପରିଚାଳନା କରିଥିଲେ। ଶ୍ରୀନିବାସ ସାମନ୍ତରାୟ, ସୋମନାଥ ମଣିଆ, ସୁଶାନ୍ତ ମଙ୍ଗରାଜ, ଦିବ୍ୟଲୋଚନ ହରିଚନ୍ଦନ ସହାୟତା କରିଥିଲେ।

## ବିଡିଓଙ୍କୁ ଟାଙ୍ଗୀ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ

ଟାଙ୍ଗୀ,୨୧୧(ସମିସ): ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଥିବା ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ନବଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦକୁ କାର୍ଯ୍ୟକ୍ଷମ କରିବା ପାଇଁ ଆଜି ରାଜ୍ୟ ସରକାରଙ୍କ ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁସାରେ ମ୍ୟୁନିସିପାଲ ପ୍ରଶାସନ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରି ନୂତନ ଭାବେ ଘୋଷିତ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ ତୁଲାଇବା ପାଇଁ ସେହି ବ୍ଲକର ବିଡିଓଙ୍କୁ ଦାୟିତ୍ୱ ଦେବାକୁ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ କୁହାଯାଇଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଥିବା ହେତୁ ଟାଙ୍ଗୀ ବ୍ଲକରେ କାର୍ଯ୍ୟରତ ବିଡିଓ ରୁମାନା ଜାଫ୍ରି ଏହି ଦାୟିତ୍ୱରେ ରହିବା ସ୍ପଷ୍ଟ ହୋଇଯାଇଛି। ଏତେ ଶୀଘ୍ର ଏନଏସିର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରାଯାଇଥିବା ହେତୁ ଟାଙ୍ଗୀ ପଞ୍ଚାୟତ ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଧାନମଣ୍ଡି ଖୋଲିବାରେ ବିଳମ୍ବ \ ଦଲାଲ ସକ୍ରିୟ; ଚାଷୀ ଶୋଷଣର ଶିକାର

ବାଲୁଗାଁ,୨୧୧(ସମିସ)



ସରକାର ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ଧାନ କିଣିବା ବ୍ୟବସ୍ଥା କରିଥିଲେ ସୁଧା ଏପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇ ନ ଥିବା ଦେଖିବାକୁ ମିଳିଛି। ଚାଷୀ ଚଳିତବର୍ଷର ଖରିଫ ଧାନ ଫସଲ ଅମଳ କରି ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ନିରାଶ ହୋଇ ଶେଷରେ ଦଲାଲଙ୍କୁ ଧାନ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ଫଳରେ ଚାଷୀ ବାଧ ହୋଇ ଦଲାଲ ଶୋଷଣର ଶିକାର ହେଉଛନ୍ତି। ବିଭିନ୍ନ ଗ୍ରାମରେ ଘରେ ଘରେ ବୁଲି ଦଲାଲ ଏଜେଣ୍ଟଙ୍କ ମାଧ୍ୟମରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଦୈନିକ ଟ୍ରକ୍ ଯୋଗେ ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳରୁ ଟନ୍ ଟନ୍ ଧାନ ଆନ୍ଧ୍ରକୁ ଚୋରା ଚାଲାଣ ହେଉଛି। ଚାଷୀ କମ୍ ମୂଲ୍ୟରେ ଦଲାଲଙ୍କୁ ଧାନ ବିକ୍ରି କରି ଦେବା ପରେ ଟଙ୍କା ପାଇଁ ଦଲାଲଙ୍କ ପାଖକୁ ବାରମ୍ବାର ଦୌଡ଼ୁଥିବାବେଳେ ସେମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଚାଷୀ ଏପରି ଦଲାଲଙ୍କ ଶୋଷଣର ଶିକାର ହେଉଥିବା ଜଣାଯାଇଛି।

ଚିଲିକା ଓ ବାଣପୁର ବ୍ଲକରେ ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିବାରୁ ଧାନ ଅମଳ କରି ଭଲ ଦି ପଇସା ପାଇବା ପାଇଁ ଆଶା ବାନ୍ଧିଥିଲା ଚାଷୀ। ତେବେ ଅଦିନିଆ ଲଘୁଚାପ ବର୍ଷାରେ ଚାଷୀ ବହୁ ହଇରାଣ ହୋଇ ଏବେ ବର୍ଷକର ଧାନ ଫସଲକୁ ବହୁ କଷ୍ଟରେ ଧାନ ଅମଳ କରିଛି। ବର୍ଷ ସରିଲା ଚାଷ ଜମିରୁ ଚାଷୀ ଧାନ ଫସଲ ଅମଳ କରି ଆଣି ଆଉ କେତେ ଦିନ ଖଳାରେ ରଖି ମଣ୍ଡିକୁ ଚାହିଁ ବସିବ, ଶେଷରେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ଚାଷୀ ହତାସ ହେବା ପରେ ଏବେ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କୁ ଉଚିତ ଦରରେ ଧାନ ବିକ୍ରି କରିବା ପାଇଁ ଆଶା କରି ମଣ୍ଡି ଖୋଲିବା ବିଳମ୍ବ ହେବାରୁ ନିରାଶ ହୋଇ ପଡିଛି ଚାଷୀ। ସରକାରଙ୍କ ଧାର୍ଯ୍ୟ ଦରରେ ବିକ୍ରି କରି ନ ପାରି ଦଲାଲ ଏଜେଣ୍ଟ ମାଧ୍ୟମରେ ଚାଷୀଙ୍କଠାରୁ କମ୍ ଦରରେ ଧାନକ୍ରୟ କରୁଛନ୍ତି। ଅପରପକ୍ଷେ ଚାଷୀ ଘରୋଇ ଋଣ କରି ଧାନ ଫସଲରେ ଉକ୍ତ ଅର୍ଥକୁ ବିନିଯୋଗ କରିଥିବାବେଳେ ସେଥିରୁ ଋଣମୁକ୍ତ ହେବା ପାଇଁ ଶୀଘ୍ର ଧାନ ବିକ୍ରି କରିବା ଉଦ୍ଦେଶ୍ୟରେ ଦଲାଲଙ୍କ ଆଶ୍ରୟ ନେବାକୁ ବାଧ ହେଉଥିବା କହିଛନ୍ତି। ତେବେ ଦୈନିକ ରାଜପଥ କଡ଼ରେ ଖୁଲମ୍‌ଖୁଲା ଭାବେ ଟନ୍ ଟନ୍ ଧାନ ଟ୍ରକ୍‌ରେ ବୋଝେଇ ହେଉଥିବାବେଳେ ପ୍ରତ୍ୟକ୍ଷଦର୍ଶୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଖବର ଦେଉଥିବାବେଳେ ବିଭାଗୀୟ ଅଧିକାରୀ ଏ ନେଇ ଜାଣିଶୁଣି ନିରବ ରହି ଧାନମଣ୍ଡି ନ ଖୋଲିବା ଓ ଦଲାଲଙ୍କ ସହ ସଂପର୍କ ରଖି ଧାନର ଚୋରା ଚାଲାଣକୁ ପ୍ରୋତ୍ସାହନ ଦେଉଥିବା ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ମଣ୍ଡି ଖୋଲିବା ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

